No. of Printed Pages : 95
No. of Questions : 150

Secretary

# OTET
# 2016(2nd)
# PAPER - II

Question Booklet No. 23766

Time : 2 Hours 30 Minutes

Full Marks : 150

Roll No.

SET : B

## ପରୀକ୍ଷାର୍ଥୀଙ୍କ ନିମନ୍ତେ ନିର୍ଦ୍ଦେଶାବଳୀ

୧. ପରୀକ୍ଷାର୍ଥୀଙ୍କର ପ୍ରାର୍ଥିତ୍ୱ ସାମୟିକ (ଅସ୍ଥାୟୀ) । ଯଦି କୌଣସି ପରୀକ୍ଷାର୍ଥୀ ଦେଇଥିବା ତଥ୍ୟ ଭୁଲ, ମିଥ୍ୟା କିମ୍ବା ଅସମ୍ପୂର୍ଣ୍ଣ ବୋଲି ଯେକୌଣସି ସମୟରେ ପ୍ରମାଣିତ ହୁଏ, ତେବେ ତାଙ୍କର ପ୍ରାର୍ଥିତ୍ୱ ନାକଚ ହୋଇଯିବ ।

୨. ଓ. ଏମ୍. ଆର୍. ଫର୍ମରେ ଥିବା ବୃତ୍ତଟିକୁ କଳା / ନୀଳ ବଲ୍ ପେନ୍ ଦ୍ୱାରା ସମ୍ପୂର୍ଣ୍ଣ ରୂପେ କଳା / ନୀଳ କରିବାକୁ ହେବ । ଆଂଶିକ ଭାବେ କଳା କରାଯାଇଥିଲେ ତାହାର ମୂଲ୍ୟାୟନ ହେବ ନାହିଁ ।

୩. ଦୁଇଟି କିମ୍ବା ତହିଁରୁ ଅଧିକ ବୃତ୍ତକୁ ସମ୍ପୂର୍ଣ୍ଣ / ଆଂଶିକ କଳା / ନୀଳ କରାଯାଇଥିଲେ ତାହାର ମଧ୍ୟ ମୂଲ୍ୟାୟନ ହେବ ନାହିଁ ।

୪. କଳା / ନୀଳ କରାଯାଇଥିବା ବୃତ୍ତକୁ 'X' ଚିହ୍ନଦ୍ୱାରା / କାଟିକରି / ଧଳା ରଙ୍ଗ ଲଗାଇ / ରବର / ବ୍ଲେଡ ଦ୍ୱାରା ଲିଭାଇକରି କିମ୍ବା ଯେକୌଣସି ପ୍ରକାରରେ ଉତ୍ତର ବଦଳାଇଥିଲେ ତାହାର ମୂଲ୍ୟାୟନ ହେବ ନାହିଁ ।

୫. ଏହି ପ୍ରଶ୍ନପତ୍ର ପୁସ୍ତିକାଟିକୁ ନିର୍ଦ୍ଦେଶ ନପାଇବା ପୂର୍ବରୁ ଖୋଲାଯିବ ନାହିଁ । ନିଜର ରୋଲ୍ ନମ୍ବର ଠିକ୍ ଭାବରେ ଏହି ପୁସ୍ତିକାରେ ଏବଂ ଓ. ଏମ୍. ଆର୍ ଫର୍ମରେ ଲେଖିବା ଆବଶ୍ୟକ ।

୬. ଏହି ପୁସ୍ତିକାରେ ମୁଦ୍ରିତ ପୃଷ୍ଠା ସଂଖ୍ୟା ଏବଂ ପ୍ରଶ୍ନସଂଖ୍ୟା ଭଲ ଭାବରେ ଯାଞ୍ଚ କରିନିଅନ୍ତୁ । ଯଦି କିଛି ତ୍ରୁଟି ଥାଏ ତେବେ ପାଞ୍ଚ ମିନିଟ୍ ମଧ୍ୟରେ ଏହା ବଦଳରେ ଅନ୍ୟ ଏକ ଠିକ୍ ପୁସ୍ତିକା ନିରୀକ୍ଷକଙ୍କଠାରୁ ସଂଗ୍ରହ କରନ୍ତୁ ।

୭. ଓଡ଼ିଶା ପରୀକ୍ଷା ପରିଚାଳନା ଆଇନ୍, ୧୯୮୮ ଅନୁସାରେ ପରୀକ୍ଷା ପରିଚାଳନା କରାଯିବ ।

## INSTRUCTIONS TO THE CANDIDATES

1. The admission to the examination is provisional. In the event of any information furnished by the candidate found false / incorrect / incomplete at any stage, the candidature shall be rejected.
2. Darken the circles in the OMR answer-sheet completely with Black / Blue ball point pen only. Partial darkening shall not be evaluated.
3. Darkening two or more circles completely / partially shall not be evaluated.
4. Changing the darkened circle in any manner putting 'X' mark / using white fluid / erasing by rubber / blade etc. shall not be evaluated.
5. This question booklet shall not be opened until instructed. Write your Roll No. correctly in this booklet as well as in the OMR answer-sheet.
6. The candidates should carefully check the No. of Printed Pages, Questions and their Serial No. In case of any discrepancy found, exchange the defective one and collect another correct one from the invigilator within 5 (five) minutes and thereafter no complaint shall be entertained.
7. The examination shall be conducted as per the Odisha Conduct of Examination Act, 1988.

ପ୍ରତ୍ୟେକ ପ୍ରଶ୍ନର ଚାରୋଟି ଉତ୍ତର ଦିଆଯାଇଛି । ସେଗୁଡ଼ିକ ମଧ୍ୟରୁ ଠିକ୍ ଉତ୍ତରଟିକୁ ବାଛି OMR ପତ୍ରର ସଂପୃକ୍ତ ବୃତ୍ତଟିକୁ ନୀଳ / କଳା ବଲ୍ ପଏଣ୍ଟ କଲମ ଦ୍ୱାରା ସଂପୂର୍ଣ୍ଣ ଭାବେ କଳା କର ।

**Each question has four alternatives. Choose the correct answer from among them and darken the appropriate circle completely in the OMR Sheet with Blue / Black ball point pen only.**

## ଶିଶୁ ବିକାଶ ଓ ଶିକ୍ଷାବିଜ୍ଞାନ
## CHILD DEVELOPMENT & PEDAGOGY

1. କେଉଁ ଶିକ୍ଷାଦାନ-ଶିକ୍ଷଣ ପଦ୍ଧତି ଅନ୍ୟ ତିନୋଟି ଠାରୁ ଭିନ୍ନ ?

(A) ଆଲୋଚନା

(B) ବର୍ଣ୍ଣନା

(C) ବ୍ୟାଖ୍ୟାନ

(D) ପର୍ଯ୍ୟବେକ୍ଷଣ

2. ଶ୍ରେଣୀଗୃହରେ ପଢ଼ାଇବା ସମୟରେ ଶିକ୍ଷକଙ୍କୁ ନିମ୍ନଲିଖିତ କାର୍ଯ୍ୟକରିବାକୁ ହୋଇଥାଏ :

(i) ନୂତନ ଜ୍ଞାନ ପ୍ରଦାନ

(ii) ମୂଲ୍ୟାୟନ

(iii) ପୂର୍ବ ଜ୍ଞାନ ପରୀକ୍ଷା

(iv) ପ୍ରସଙ୍ଗରେ ଉପନୀତକରଣ

ଏହି କାର୍ଯ୍ୟଗୁଡ଼ିକ କେଉଁ କ୍ରମରେ କରାଯାଇଥାଏ ?

(A) i, ii, iii, iv

(B) iv, iii, i, ii

(C) iii, iv, i, ii

(D) iii, ii, i, iv

1. Which teaching-learning method is different from the other three ?

(A) Discussion

(B) Description

(C) Illustration

(D) Observation

2. While teaching in the class teacher has to perform the following work :

(i) Presenting new knowledge

(ii) Evaluation

(iii) Previous knowledge test

(iv) Arriving at the topic

What is the order in which these are done ?

(A) i, ii, iii, iv

(B) iv, iii, i, ii

(C) iii, iv, i, ii

(D) iii, ii, i, iv



(Continued)

3. କେଉଁଟି ମୂଲ୍ୟାୟନର ଏକ ଉଦାହରଣ ?

(A) ବିଦ୍ୟାଳୟର ମାସିକ ପରୀକ୍ଷା ଖାତା-ଦେଖା

(B) ଓ. ଟି. ଇ. ଟି. ପରୀକ୍ଷା ଖାତା ଦେଖା

(C) ଡି. ଏଲ୍. ଇଡି. ପରୀକ୍ଷା ଖାତା ଦେଖା

(D) ଏଥିମଧ୍ୟରୁ କୌଣସିଟି ନୁହେଁ

4. କେଉଁଟି ସୃଜନଶୀଳତାର ଏକ ଲକ୍ଷଣ **ନୁହେଁ** ?

(A) ବିକ୍ଷିପ୍ତ ଚିନ୍ତନ

(B) ମୌଳିକତା

(C) କେନ୍ଦ୍ରାଭିମୁଖୀ ଚିନ୍ତନ

(D) ନମନୀୟତା

5. ନିମ୍ନୋକ୍ତ କେଉଁ ଶିକ୍ଷଣ ପଦ୍ଧତିରେ ମାନସିକ କାର୍ଯ୍ୟ ଅଧିକ ଆବଶ୍ୟକ ?

(A) ପର୍ଯ୍ୟବେକ୍ଷଣ

(B) ପରୀକ୍ଷଣ

(C) ଅନୁକରଣ

(D) ଚିହ୍ନଟୀକରଣ

3. Which one is an example of evaluation ?

(A) Assessing the monthly school test answer books

(B) Assessing the O. T. E. T. answer books

(C) Assessing the D. El. Ed. answer books

(D) None of these

4. Which one is **not** a characteristic of creativity ?

(A) Divergent thinking

(B) Originality

(C) Convergent thinking

(D) Flexibility

5. In which of the following learning processes, more mental operation is necessary ?

(A) Observation

(B) Experimentation

(C) Imitation

(D) Indentification

6. କେଉଁଟି ଉତ୍ତମ ପରୀକ୍ଷଣର ଏକ ଲକ୍ଷଣ **ନୁହେଁ** ?

(A) ବିଶ୍ୱସନୀୟତା

(B) ବୈଧତା

(C) ବ୍ୟକ୍ତିନିଷ୍ଠତା

(D) ଉପାଦେୟତା

7. କେଉଁଟି ପ୍ରାକ୍-କୈଶୋର ଅବସ୍ଥାରେ ଶିକ୍ଷାର୍ଥୀର ଏକ ଲକ୍ଷଣ **ନୁହେଁ** ?

(A) ନିଜ କାର୍ଯ୍ୟପ୍ରତି ଅନ୍ୟର ଦୃଷ୍ଟି ଆକର୍ଷଣ କରିବା

(B) ନିଜ ଦଳ ପ୍ରତି ଆନୁଗତ୍ୟ ପ୍ରକାଶ

(C) ନୂଆ ବିଷୟ ପ୍ରତି ଆଗ୍ରହ ପ୍ରକାଶ କରିବା

(D) ପରିଶ୍ରମ ନ କରି ଲକ୍ଷ୍ୟହାସଲ କରିବାକୁ ଇଚ୍ଛା କରିବା

6. Which is **not** a characteristic of a good test ?

(A) Reliability

(B) Validity

(C) Subjectivity

(D) Usability

7. Which is **not** a characteristic of the learner at pre-adolescence ?

(A) Attracting others towards own work

(B) Submissiveness towards own group

(C) Desire for new things

(D) Desire to achieve the goal without labour

8. ସ୍ପିଅରମାନ୍‌ଙ୍କ ମତରେ ବୁଦ୍ଧିର ଦୁଇଟି ଉତ୍ପାଦକ ଅଛି, ଯଥା- ସାଧାରଣ ଉତ୍ପାଦକ (g) ଓ ସ୍ୱତନ୍ତ୍ର ଉତ୍ପାଦକ (s) । ନିମ୍ନୋକ୍ତ କେଉଁ ଭେନ୍ ଚିତ୍ର ଦ୍ୱାରା ଏହାକୁ ପ୍ରକାଶ କରାଯାଇଛି ?

(A) 


(B) 


(C) 


(D) 


9. ସୁରେଶ ଓ ରମେଶଙ୍କୁ ଗୋଟିଏ ସାରଣୀଭୁକ୍ତ ପ୍ରାପ୍ତାଙ୍କର ମାଧ୍ୟମାନ ସଂକ୍ଷିପ୍ତ ପ୍ରଣାଳୀରେ ନିର୍ଣ୍ଣୟ କରିବାକୁ କୁହାଗଲା । ସୁରେଶ ସର୍ବନିମ୍ନ ସଂଭାଗରେ ଆନୁମାନିକ ମାଧ୍ୟମାନ ଓ ରମେଶ ସର୍ବୋଚ୍ଚ ସମ୍ଭାଗରେ ଆନୁମାନିକ ମାଧ୍ୟମାନ ନେଲେ । ଉଭୟ ନିର୍ଣ୍ଣୟ କରିଥିବା ମାଧ୍ୟମାନରେ କି ପାର୍ଥକ୍ୟ ଦେଖାଯିବ ?

(A) ସୁରେଶ ନିର୍ଣ୍ଣୟ କରିଥିବା ମାଧ୍ୟମାନ ରମେଶର ମାଧ୍ୟମାନଠାରୁ ବଡ଼ ହେବ

(B) ସୁରେଶ ନିର୍ଣ୍ଣୟ କରିଥିବା ମାଧ୍ୟମାନ ରମେଶର ମାଧ୍ୟମାନଠାରୁ ସାନ ହେବ

(C) ଉଭୟ ନିର୍ଣ୍ଣୟ କରିଥିବା ମାଧ୍ୟମାନ ଭୁଲ୍ ହେବ

(D) ଉଭୟ ନିର୍ଣ୍ଣୟ କରିଥିବା ମାଧ୍ୟମାନ ସମାନ ହେବ

8. According to Spearman, intelligence consists of two factors general factor (g) and special factor (s). Which of the following Venn-diagrams represents it ?

(A) 


(B) 


(C) 


(D) 


9. Suresh and Ramesh were asked to calculate mean of tabulated scores by the short method. Suresh assumed the mean at the lowest class interval where as Ramesh assumed at the highest class interval. What difference will be seen in the mean determined by both ?

(A) Mean determined by Suresh is greater than Ramesh's mean

(B) Suresh's mean is less than Rames's mean

(C) Means determined by both of them are wrong

(D) Means determined by both of them are equal

10. ଶିକ୍ଷଣ ତତ୍ତ୍ୱ ସମ୍ପର୍କୀୟ କେଉଁ ଉକ୍ତିଟି ଠିକ୍ ?

(A) ପ୍ରଯତ୍ନ ପ୍ରମାଦ ତତ୍ତ୍ୱ ଅନୁସାରେ ଅନେକ ନିଷ୍ଫଳ ପ୍ରଚେଷ୍ଟା ପରେ ଲକ୍ଷ୍ୟ ସାଧନ ହୋଇଥାଏ । ମାତ୍ର ଅନ୍ତର୍ଦୃଷ୍ଟି ତତ୍ତ୍ୱ ଅନୁସାରେ କୌଣସି ପ୍ରଚେଷ୍ଟା ବିନା ଲକ୍ଷ୍ୟ ସାଧନ ହୋଇଥାଏ ।

(B) ଅନ୍ତର୍ଦୃଷ୍ଟି ତତ୍ତ୍ୱ ଅନୁସାରେ ଅଳ୍ପ ପ୍ରଚେଷ୍ଟାରେ ଲକ୍ଷ୍ୟ ସାଧନ ହୋଇଥାଏ । ମାତ୍ର 'ପ୍ରଯତ୍ନ ପ୍ରମାଦ' ଅନୁସାରେ ବହୁତ ପ୍ରଚେଷ୍ଟାରେ ଲକ୍ଷ୍ୟ ସାଧନ ହୁଏ ।

(C) ଉଭୟ ତତ୍ତ୍ୱ ଅନୁସାରେ ବହୁତ ପ୍ରଚେଷ୍ଟା ପରେ ଲକ୍ଷ୍ୟ ସାଧିତ ହୁଏ ।

(D) ଉଭୟ ତତ୍ତ୍ୱ ଅନୁସାରେ ଅଳ୍ପ ପ୍ରଚେଷ୍ଟା ପରେ ହଠାତ୍ ଲକ୍ଷ୍ୟ ସାଧିତ ହୁଏ ।

11. ସାଧାରଣତଃ ଜଣେ ଅଷ୍ଟମ ଶ୍ରେଣୀର ଛାତ୍ର ବିକାଶଧାରାର କେଉଁ ପର୍ଯ୍ୟାୟରେ ପହଞ୍ଚିଥାଏ ?

(A) ଆଦ୍ୟ ବାଲ୍ୟାବସ୍ଥା

(B) ପ୍ରାନ୍ତ ବାଲ୍ୟାବସ୍ଥା ✓

(C) ପ୍ରାକ୍-କୈଶୋରାବସ୍ଥା

(D) କୈଶୋରାବସ୍ଥା

10. Which statement on theories of learning is correct ?

(A) According to 'Trial and Error' theory, goal is achieved after many fruitless trials but according Insightful theory, goal is achieved without any trial.

(B) According to Insightful theory, goal is achieved after a few attempts but according to 'Trial and Error' theory goal is achieved after many trials.

(C) According to both theories goal is achieved after many trials.

(D) According to both theories goal is achieved all on a sudden after a few trials

11. What stage of development a class eight student normally reaches ?

(A) Early Childhood

(B) Late Childhood

(C) Pre-adolescence

(D) Adolescence



(Continued)

12. ବ୍ୟକ୍ତିଗତ ତାରତମ୍ୟ ଦୃଷ୍ଟିରୁ ନିମ୍ନୋକ୍ତ କେଉଁଟି ଉପଯୁକ୍ତ ଶିକ୍ଷାଦାନ ବ୍ୟବସ୍ଥା ?

(A) ଗୋଟିଏ ଶ୍ରେଣୀରେ ଦଳଗତ ଶିକ୍ଷାଦାନ

(B) ପ୍ରତିଭାଶାଳୀ ଶିକ୍ଷାର୍ଥୀମାନଙ୍କୁ ଗୋଟିଏ ଶ୍ରେଣୀରେ ଶିକ୍ଷାଦାନ

(C) ସବୁପିଲାଙ୍କ ପାଇଁ ସମାନ ପାଠ୍ୟକ୍ରମ ଆଧାରିତ ଶିକ୍ଷାଦାନ

(D) ପ୍ରତ୍ୟେକ ଶିକ୍ଷାର୍ଥୀର ଦକ୍ଷତା ଓ ଆବଶ୍ୟକତା ଆଧାରିତ ଶିକ୍ଷାଦାନ

12. Which of the following is an effective teaching method from individual difference point of view ?

(A) Class-room macro-teaching

(B) Teaching gifted children in one class

(C) Teaching all children based on same curriculum

(D) Teaching each child according to their need and ability

13. କେଉଁଟି ଗରିଷ୍ଠକ ନିର୍ଣ୍ଣୟ କରିବାର ସୂତ୍ର ?

(A) 3 ମଧ୍ୟମା – 2 ମାଧ୍ୟମାନ

(B) 3 ମଧ୍ୟମା + 2 ମାଧ୍ୟମାନ

(C) 3 ମାଧ୍ୟମାନ – 2 ମଧ୍ୟମା

(D) 3 ମାଧ୍ୟମାନ + 2 ମଧ୍ୟମା

13. Which is the formula for calculating the mode ?

(A) 3 Median – 2 Mean

(B) 3 Median + 2 Mean

(C) 3 Mean – 2 Median

(D) 3 Mean + 2 Median

14. ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ ଦୈନିକ ପାଠଟୀକାରେ କ'ଣ **ନ ଥାଏ** ?

(A) ଶିକ୍ଷଣ ପ୍ରସଙ୍ଗ

(B) ମୂଲ୍ୟାୟନ ପ୍ରଶ୍ନାବଳୀ

(C) ପାଠ୍ୟ ବିଷୟବସ୍ତୁର ସଂକ୍ଷିପ୍ତ ବିବରଣୀ

(D) ଶିକ୍ଷଣ ଶିକ୍ଷାଦାନ ସାମଗ୍ରୀ

14. Which is **not** there in the lesson note prepared by a teacher ?

(A) Learning topic

(B) Evaluation questions

(C) A brief note on the topic

(D) Teaching-learning materials

15. ନିମ୍ନୋକ୍ତ କେଉଁ ଉକ୍ତିଟି ଠିକ୍ ?

(A) ନିର୍ଭରଯୋଗ୍ୟ ପରୀକ୍ଷଣ ସର୍ବଦା ବୈଧ ଅଟେ

(B) ସମସ୍ତ ବସ୍ତୁନିଷ୍ଠ ପରୀକ୍ଷଣ ବୈଧ ଅଟେ

(C) ବୈଧ ପରୀକ୍ଷଣ ସର୍ବଦା ନିର୍ଭରଯୋଗ୍ୟ ଅଟେ

(D) ସମସ୍ତ ନିର୍ଭରଯୋଗ୍ୟ ପରୀକ୍ଷଣ ବସ୍ତୁନିଷ୍ଠ ଅଟେ

16. ପ୍ରତିଭାଶାଳୀ ବିଦ୍ୟାର୍ଥୀମାନଙ୍କୁ ଶିକ୍ଷାଦାନ ନିମନ୍ତେ ଶିକ୍ଷକ କ'ଣ କରିବା ଆବଶ୍ୟକ ?

(A) ଜିଜ୍ଞାସାମୂଳକ ପ୍ରଶ୍ନ ପଚାରିବେ

(B) ବିକ୍ଷିପ୍ତଚିନ୍ତନମୂଳକ ପ୍ରଶ୍ନ ପଚାରିବେ

(C) ବିଶ୍ଳେଷଣାତ୍ମକ ପ୍ରଶ୍ନ ପଚାରିବେ

(D) ଏ ସମସ୍ତ

17. ଗୋଟିଏ ପ୍ରଶ୍ନ ଯେଉଁ ଶୈକ୍ଷିକ ଉଦ୍ଦେଶ୍ୟ ମାପ କରିବା ନିମନ୍ତେ ପ୍ରସ୍ତୁତ କରାଯାଇଥାଏ, ଯଦି ତାହା ସେହି ଉଦ୍ଦେଶ୍ୟ ପରିମାପ କରେ, ତେବେ ତାହା ପ୍ରଶ୍ନର କେଉଁ ଗୁଣକୁ ସୂଚାଇଥାଏ ?

(A) ବୈଧତା

(B) ବିଶ୍ୱସନୀୟତା

(C) ବସ୍ତୁନିଷ୍ଠତା

(D) ଉପଯୋଗିତା

15. Which of the following statement is correct ?

(A) A reliable test is always valid

(B) All objective tests are valid

(C) A valid test is always reliable

(D) All reliable tests are objective

16. What should a teacher do to teach the gifted learners ?

(A) Ask inquisitive questions

(B) Ask divergent thinking questions

(C) Ask analytical questions

(D) All of these

17. If a test measures the learning objectives for which it is constructed, then it indicates which characteristics of the test ?

(A) Validity

(B) Reliability

(C) Objectivity

(D) Usability

18. ନିମ୍ନୋକ୍ତ କେଉଁଟି ବହୁବିକଳ୍ପ ପ୍ରଶ୍ନର ଏକ ଲକ୍ଷଣ ନୁହେଁ ?

(A) ବିକଳ୍ପ ଉତ୍ତରଗୁଡ଼ିକ ଠିକ୍ ଭଳି ଜଣାପଡ଼େ

(B) କମ୍ ସମୟରେ ଠିକ୍ ମୂଲ୍ୟାୟନ ହୋଇଥାଏ

(C) ବିକଳ୍ପମାନଙ୍କ ମଧ୍ୟରୁ ଗୋଟିଏ ଠିକ୍ ଉତ୍ତର ଥାଏ

(D) ପ୍ରଶ୍ନପତ୍ର ସହଜରେ ପ୍ରସ୍ତୁତ କରାଯାଇପାରେ

19. ବିଦ୍ୟାଳୟ କାର୍ଯ୍ୟନିର୍ଘଣ୍ଟ ପ୍ରସ୍ତୁତିର ମୁଖ୍ୟ ଉଦ୍ଦେଶ୍ୟ କ'ଣ ?

(A) ଦୈନିକ କାର୍ଯ୍ୟ ସମୟକୁ ପିରିଅଡ୍‌ରେ ବଣ୍ଟନ

(B) ଶିକ୍ଷାଦାନ ନିମନ୍ତେ ଶିକ୍ଷକମାନଙ୍କ ମଧ୍ୟରେ ବିଷୟ ବଣ୍ଟନ

(C) ବିଭିନ୍ନ ପିରିଅଡ୍‌ପାଇଁ ଭିନ୍ନଭିନ୍ନ ବିଷୟ ବଣ୍ଟନ

(D) ଏ ସମସ୍ତ

18. Which of the following is **not** a characteristic of multiple choice questions ?

(A) Alternatives appear plausible

(B) Correct evaluation is done in a short time

(C) Only one option is correct out of the alternatives

(D) Test items are easily constructed

19. What is the main objectives of preparing the school time-table ?

(A) Distribution of daily working time in periods

(B) Distribution of subjects among teachers for teaching

(C) Distribution of different subjects in different periods

(D) All of these

20. କେଉଁ ଶିକ୍ଷଣ ତତ୍ତ୍ୱ ସହିତ କୋହେଲର୍ ସମ୍ପର୍କିତ ?

(A) ପ୍ରଯତ୍ନ ଓ ପ୍ରମାଦ

(B) ଅନ୍ତର୍ଦୃଷ୍ଟି

(C) ଯାନ୍ତ୍ରିକ ଅନୁବନ୍ଧ

(D) ସାପେକ୍ଷ ପ୍ରତିବର୍ତ୍ତ

21. କେଉଁଟି ଭାଗବିଭକ୍ତ ହୋଇନଥିବା ତଥ୍ୟାବଳୀର ମାଧ୍ୟମାନ ନିର୍ଣ୍ଣୟର ସୂତ୍ର ?

(A) $\frac{\Sigma X}{N}$

(B) $\frac{X}{N}$

(C) $\frac{X}{\Sigma N}$

(D) $\sqrt{\frac{X}{N}}$

22. ୱାଲସ୍‌ଙ୍କ ମତରେ ସୃଜନଶୀଳ କାର୍ଯ୍ୟ, କ୍ରମାନ୍ୱୟରେ ଚାରିଗୋଟି ସ୍ତରରେ ସମ୍ପନ୍ନ ହୋଇଥାଏ । ଏହାର ଚତୁର୍ଥ ସ୍ତରଟି କ'ଣ ?

(A) ଅଧିପାଳନ

(B) ଅନୁପ୍ରେରଣା

(C) ସତ୍ୟତା ନିରୂପଣ

(D) ଉପସ୍ଥାପନ

20. With which theory of learning is Kohler associated ?

(A) Trial and error (Thorndike)

(B) Insightful (Kohler)

(C) Operant conditioning (Thorndike)

(D) Classical conditioning (Pavlov)

21. Which is the formula to calculate the mean of ungrouped data ?

(A) $\frac{\Sigma X}{N}$

(B) $\frac{X}{N}$

(C) $\frac{X}{\Sigma N}$

(D) $\sqrt{\frac{X}{N}}$

22. According to Walse creative work is done in four stages. What is its fourth stage ?

(A) Incubation

(B) Illumination

(C) Validity determination

(D) Presentation



(Continued)

23. ଗୋଟିଏ ପରୀକ୍ଷଣରୁ ଜଣାଯାଏ ଯେ ଅଭିନ୍ନ ଯମଜ ସନ୍ତାନମାନଙ୍କର ବୁଦ୍ଧ୍ୟାଙ୍କର ସହସମ୍ପର୍କ 0.85, ମାତ୍ର ଭିନ୍ନ ଯମଜ ସନ୍ତାନମାନଙ୍କ କ୍ଷେତ୍ରରେ ଏହା 0.70 । ଏହି ପରୀକ୍ଷଣରୁ ବ୍ୟକ୍ତିଗତ ତାରତମ୍ୟର କାରଣ କ'ଣ ବୋଲି ଜଣାଯାଉଛି ?

(A) ବ୍ୟକ୍ତିଗତ ତାରତମ୍ୟ ବଂଶାନୁଗୁଣ ଦ୍ୱାରା ପ୍ରଭାବିତ

(B) ବ୍ୟକ୍ତିଗତ ତାରତମ୍ୟ ପରିବେଶ ଦ୍ୱାରା ପ୍ରଭାବିତ

(C) ବ୍ୟକ୍ତିଗତ ତାରତମ୍ୟ ଉଭୟ ପରିବେଶ ଓ ବଂଶାନୁଗୁଣ ଦ୍ୱାରା ପ୍ରଭାବିତ

(D) ବ୍ୟକ୍ତିଗତ ତାରତମ୍ୟ ବୃଦ୍ଧି ଓ ବିକାଶ ଦ୍ୱାରା ପ୍ରଭାବିତ

24. ନିମ୍ନୋକ୍ତ କେଉଁ ଶିକ୍ଷଣ ନିୟମ ଦତ୍ତ ଗୃହକାର୍ଯ୍ୟ ସମ୍ପାଦନ ସହ ସମ୍ପର୍କିତ ?

(A) ପ୍ରସ୍ତୁତି

(B) ଅନୁଶୀଳନ

(C) ଅନୁବନ୍ଧ

(D) ଫଳାଫଳ

23. From an experiment it is observed that the co-efficient of correlation of intelligence of identical twins is 0.85 and the same is 0.70 for fraternal twins. What does it indicate about the individual difference ?

(A) Individual difference is influenced by heredity.

(B) Individual difference is influenced by environment.

(C) Individual difference is influenced by both heredity and environment.

(D) Individual difference is influenced by growth and development.

24. Which of the following law of learning is associated with doing the given home-task ?

(A) Readiness

(B) Exercise

(C) Conditioning

(D) Effect

25. କେଉଁଟି କୃତି ପରୀକ୍ଷଣ ପ୍ରସ୍ତୁତିର ଠିକ୍ କ୍ରମ ?

(A) ଶିକ୍ଷଣ ଲକ୍ଷ୍ୟ ନିର୍ଦ୍ଧାରଣ, ବିଷୟବସ୍ତୁ ଚୟନ, ବ୍ଲୁପ୍ରିଣ୍ଟ ପ୍ରସ୍ତୁତି ଓ ପ୍ରଶ୍ନଲିଖନ

(B) ବ୍ଲୁପ୍ରିଣ୍ଟ ପ୍ରସ୍ତୁତି, ଶିକ୍ଷଣ ଲକ୍ଷ୍ୟ ନିର୍ଦ୍ଧାରଣ, ବିଷୟବସ୍ତୁ ଚୟନ ଓ ପ୍ରଶ୍ନଲିଖନ

(C) ବିଷୟବସ୍ତୁ ଚୟନ, ଶିକ୍ଷଣ ଲକ୍ଷ୍ୟ ନିର୍ଦ୍ଧାରଣ, ବ୍ଲୁପ୍ରିଣ୍ଟ ପ୍ରସ୍ତୁତି ଓ ପ୍ରଶ୍ନଲିଖନ

(D) ଶିକ୍ଷଣ ଲକ୍ଷ୍ୟ ନିର୍ଦ୍ଧାରଣ, ବ୍ଲୁପ୍ରିଣ୍ଟ ପ୍ରସ୍ତୁତି, ବିଷୟବସ୍ତୁ ଚୟନ ଓ ପ୍ରଶ୍ନଲିଖନ

26. ଗୋଟିଏ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କୁ ଗଣିତରେ ପରୀକ୍ଷା କରାଗଲା । ପ୍ରାପ୍ତାଙ୍କଗୁଡ଼ିକର ମଧ୍ୟମା ଓ ମାଧ୍ୟମାନ ନିର୍ଣ୍ଣୟ କରିବାରୁ ଦେଖାଗଲା ଯେ ମାଧ୍ୟମାନ, ମଧ୍ୟମା ଠାରୁ ଯଥେଷ୍ଟ ଅଧିକ । ଏଥିରୁ କେଉଁ ସିଦ୍ଧାନ୍ତ ନିଆଯାଇ ପାରିବ ?

(A) ଗଣିତରେ ମେଧାବୀ ପିଲାଙ୍କ ସଂଖ୍ୟା ଅଧିକ

(B) ଗଣିତରେ ଦୁର୍ବଳ ପିଲାଙ୍କ ସଂଖ୍ୟା ଅଧିକ

(C) ଗଣିତରେ ମେଧାବୀ ଓ ଦୁର୍ବଳ ପିଲାଙ୍କ ସଂଖ୍ୟା ସମାନ

(D) କୌଣସି ସିଦ୍ଧାନ୍ତ ନିଆଯାଇପାରିବ ନାହିଁ

25. What is the correct order of preparing an achievement test ?

(A) Identifing learning objectives selecting content, preparing blue-print and writing test items

(B) Preparing blue-print, identifying learning objectives, selecting content and writing test items

(C) Selecting content, identifying learning objectives, preparing blue-print and writing test items

(D) Identifying learning objectives, preparing blue-print, selecting content and writing test items

26. Pupils of a class were tested in Mathematics. Median and Mean of the scores were calculated. Mean was found to be much greater than median. What inference could be drawn from it ?

(A) Number of intelligent students in Mathematics is more

(B) Number of less intelligent students in Mathematics is more

(C) Number of intelligent and less intelligent students in Mathematics is equal

(D) No inference could be drawn

27. କେତେକ ପିଲାଙ୍କୁ ଦୁଇ ସମାନ ଭାଗରେ ବିଭକ୍ତ କରି ପରୀକ୍ଷା କରାଗଲା । ପ୍ରଥମ ଭାଗ ପିଲାଙ୍କର ପ୍ରାପ୍ତାଙ୍କ ମାଧମାନ ପାଖାପାଖି ଥିବା ବେଳେ ଦ୍ୱିତୀୟ ଭାଗ ପିଲାଙ୍କର ପ୍ରାପ୍ତାଙ୍କ ମାଧମାନ ଠାରୁ ଦୂରରେ ରହିଲା । ଏଥିରୁ କ'ଣ କୁହାଯାଇପାରିବ ?

(A) ପ୍ରଥମ ଦଳର ପ୍ରାପ୍ତାଙ୍କମାନଙ୍କର ମାନକ ବିଚ୍ୟୁତି ଦ୍ୱିତୀୟ ଦଳର ମାନକ ବିଚ୍ୟୁତି ଠାରୁ ଅଧିକ ।

(B) ପ୍ରଥମ ଦଳର ପ୍ରାପ୍ତାଙ୍କମାନଙ୍କର ମାନକ ବିଚ୍ୟୁତି ଦ୍ୱିତୀୟ ଦଳର ମାନକ ବିଚ୍ୟୁତି ଠାରୁ କମ୍ ।

(C) ଉଭୟ ଦଳର ମାନକ ବିଚ୍ୟୁତି ସମାନ ।

(D) ମାନକ ବିଚ୍ୟୁତି ବିଷୟରେ କିଛି କହିହେବ ନାହିଁ ।

27. Some students were divided into two groups and were given a test. Scores obtained by the first batch of students cluster round the mean score where as scores obtained by the second batch were away from the mean score. What can we say from this ?

(A) Standard deviation of the scores of the 1st batch is greater than the standard deviation of the 2nd group.

(B) Standard deviation of the scores of the 1st batch is less than standard deviation of the 2nd group.

(C) Standard deviation of the scores of both the groups are equal

(D) Nothing can be said about the standard deviation.

28. ଏକକ ପାଠ ଯୋଜନାରେ କ'ଣ **ନ** ଥାଏ ?

(A) ଶିକ୍ଷାର୍ଥୀର ଦକ୍ଷତା

(B) ଉପ-ଏକକମାନଙ୍କର ଶିକ୍ଷଣ ଉଦ୍ଦେଶ୍ୟ

(C) ପ୍ରତ୍ୟେକ ଉପ-ଏକକ ପାଇଁ ଆବଶ୍ୟକ ପିରିୟଡ଼ ସଂଖ୍ୟା

(D) ଶିକ୍ଷାଦାନ-ଶିକ୍ଷଣ ଉପକରଣ

29. ପ୍ରତିଭାଶାଳୀ ଶିକ୍ଷାର୍ଥୀଙ୍କୁ ଚିହ୍ନିବାପାଇଁ ନିମ୍ନୋକ୍ତ କେଉଁ ପଦ୍ଧତିଟି ଉପଯୁକ୍ତ **ନୁହେଁ** ?

(A) କୃତି ପରୀକ୍ଷଣ

(B) ଅଭିଯୋଗ୍ୟତା ପରୀକ୍ଷଣ

(C) ବୁଦ୍ଧି ପରୀକ୍ଷଣ

(D) ନିଦାନାତ୍ମକ ପରୀକ୍ଷଣ

30. ନିମ୍ନୋକ୍ତ କେଉଁଟି ମୁଖ୍ୟତଃ ଶିକ୍ଷଣ ପ୍ରକ୍ରିୟା ସହ ସଂପର୍କିତ ?

(A) ପୁନର୍ବଳନ

(B) ପରିବେଶ

(C) ପ୍ରଶିକ୍ଷଣ

(D) ଏ ସମସ୍ତ

28. What is **not** there in unit lesson plan ?

(A) Pupil's ability

(B) Objectives of learning sub-units

(C) Number of periods necessary for each sub-unit

(D) Teaching-Learning materials

29. Which of the following method is **not** useful to identify gifted learners ?

(A) Achievement test

(B) Aptitude test

(C) Intelligence test

(D) Diagnostic test

30. Which of the following is mainly associated with learning process ?

(A) Re-inforcement

(B) Environment

(C) Training

(D) All of these

# M. I. L. (ODIA)

31. ନିମ୍ନୋକ୍ତ ମଧ୍ୟରୁ କେଉଁଟି ସାଦୃଶ୍ୟବୋଧକ ଅବ୍ୟୟ ?

(A) କେତେ

(B) ଓହୋ

(C) ଢଂ ଢଂ

(D) ହଇ

32. 'ଧରାକୁ ସରା ମଣିବା' — ଲୋକବାଣୀଟିର ଅର୍ଥ କ'ଣ ?

(A) କଷ୍ଟେ ମଷ୍ଟେ ବଞ୍ଚିବା

(B) ଅତିଗର୍ବଭାବ ପ୍ରଦର୍ଶନ କରିବା

(C) ଅସମ୍ଭବ କଥା କହିବା

(D) ସାବଧାନରେ କାର୍ଯ୍ୟ କରିବା

33. 'କେଶରୀ' — କେଉଁ ଶବ୍ଦଟି ଏହାର ପ୍ରତିଶବ୍ଦ ନୁହେଁ ?

(A) କଣ୍ଠୀରବ

(B) ପଞ୍ଚଶିଖ

(C) ମୃଗପତି

(D) ମତଙ୍ଗଜ

34. 'ଦେଣା' — ବିପରୀତାର୍ଥବୋଧକ ଶବ୍ଦଟି ବାଛ :

(A) ଗାଉଣା

(B) ପାଉଣା

(C) ବାଜେଣା

(D) ମାଗଣା

35. କେଉଁଥିରେ କ୍ରିୟାର ବିଶେଷଣ ବ୍ୟବହୃତ ?

(A) ଡେମନ୍ତ ରୂପ

(B) ଚଞ୍ଚଳମନ

(C) ଶୁଭ୍ର ବସ୍ତ୍ର

(D) ଭୁକିଲା କୁକୁର

36. <u>ତାଙ୍କର</u> ସନ୍ତାନ ଜାତ ହେଲା । ରେଖାଙ୍କିତ ପଦଟି କେଉଁ ପ୍ରକାର ସର୍ବନାମ ?

(A) ପ୍ରଶ୍ନବାଚକ

(B) ନିର୍ଣ୍ଣାୟକ

(C) ପୁରୁଷବାଚକ

(D) ନିର୍ଦ୍ଦେଶାତ୍ମକ

37. କେଉଁ ବାକ୍ୟଟିରେ ଅସମାପିକା କ୍ରିୟାର ବ୍ୟବହାର କରାଯାଇଛି ?

(A) ଗଜପତି ପୁରୁଷୋତ୍ତମଦେବ କାଞ୍ଚୀବିଜୟ କରି ବହୁ ଧନ ରତ୍ନ ଧରି ଉତ୍କଳ ପ୍ରତ୍ୟାବର୍ତ୍ତନ କଲେ ।

(B) ସାହିତ୍ୟ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ 'ଜ୍ଞାନପୀଠ' ପୁରସ୍କାର ଦିଆଯାଏ ।

(C) ସେ ଦ୍ରୁତବେଗରେ ଚାଲିପାରନ୍ତି ମାତ୍ର ଦୌଡ଼ି ପାରନ୍ତି କାହିଁ ।

(D) 'ବୁଢ଼ୀମା' ପିଲାଙ୍କୁ ଗପଟିଏ କହିଲେ ।

38. ତଦ୍ଧିତାନ୍ତ ଶବ୍ଦ କାହାକୁ କୁହାଯାଏ ?

(A) ଶବ୍ଦ ସହ ବିଭକ୍ତି ଯୋଗ ହେଲେ

(B) ଶବ୍ଦ ସହ ପ୍ରତ୍ୟୟ ଯୋଗ ହେଲେ

(C) ଧାତୁ ସହ ପ୍ରତ୍ୟୟ ଯୋଗ ହେଲେ

(D) ଧାତୁ ପୂର୍ବରୁ ପ୍ରତ୍ୟୟ ଯୋଗ ହେଲେ

39. 'ନିଷ୍ପତ୍ତି କରିବା' ଅର୍ଥ ପ୍ରକାଶକ ରୂଢ଼ିଟି ବାଛ :

(A) କଥା ପକାଇବା

(B) କଥା ରଖିବା

(C) କଥା ଛିଣ୍ଡାଇବା

(D) କଥାରେ ଗଣ୍ଠି ଦେବା

40. ଶ୍ରୀ + ବନ୍ତ = ଶ୍ରୀବନ୍ତ: — କେଉଁ ଅର୍ଥରେ 'ବନ୍ତ' ପ୍ରତ୍ୟୟ ବ୍ୟବହାର କରାଯାଇଛି ?

(A) ଅଛି

(B) ଆଧିପତ୍ୟ

(C) ଜାତ

(D) ଭାବ

**ନିମ୍ନଲିଖିତ କବିତାଟି ପାଠକରି ନଂ 41 ରୁ ନଂ 45 ପର୍ଯ୍ୟନ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ :**

**ଛାୟାଲୋକ ବ୍ୟାଘ୍ରଛାଲ ତୃଣ ଲୋମମୟ**
**ଆସନେ ବସିଲି ଦିନେ ଗମ୍ଭୀର ହୃଦୟ ।**
**ତରୁମମ ଶିକ୍ଷାଗୁରୁ ସ୍ନିଗ୍ଧ ଛାୟାଦାନେ**
ବିଶ୍ୱସେବା ଭାବସୁଧା ଢ଼ାଳି ଦେଲା ପ୍ରାଣେ ।
ଶାଖାଗର୍ଭପତ୍ର ନବସୃଜନର ବାଣୀ
ଶୁଣାଇଲା ଶାନ୍ତମନେ ସୃଷ୍ଟି ଚିନ୍ତା ଆଣି ।
ଫୁଲବାସେ ଭରି ପ୍ରାଣ ମୃଦୁଳ ଅନିଳେ
ତିନ୍ତାଇଲା ମହାତ୍ମାର ବିଶ୍ୱପ୍ରେମ ନୀରେ ।
ସଂସାରର ପ୍ରେମ କିସ ଫୁଲ ଆଉ ଅଳି
ଭାବେ ଦେଖାଇଲା ତରୁ ଦୋହଲି ଦୋହଲି ।
ବାୟୁ ଶ୍ୱାସେ ପୀତ ପତ୍ର ଝରେ ରାଶି ରାଶି
ବୋଲେ ତରୁ-ଦେଖ ମୃତ୍ୟୁ ସର୍ବଜୀବ ନାଶୀ ।
କେଣେ କର୍ତ୍ତା ? ଦେଖାଇଲା ଊର୍ଦ୍ଧ୍ୱେ କି ଇଙ୍ଗିତେ ?
ତରୁ ମଧ୍ୟେ ସାରା ବିଶ୍ୱ ଦେଖିଲି ଚକିତେ ।

41. କବି କାହା ଉପରେ ବସିଥିଲେ ?

(A) ପଥର

(B) ଘାସ

(C) ଗଛ

(D) ବାଘଛାଲ

42. ଗଛ କବିଙ୍କୁ ବିଶ୍ୱ ସେବା କରିବାର ଶିକ୍ଷା କିପରି ଦେଲା ?

(A) ଛାୟାଦାନ କରି

(B) ଆସନ ପ୍ରଦାନ କରି

(C) ଫୁଲଫଳ ଦେଇ

(D) ଅମ୍ଳଜାନ ଦେଇ

43. ବୃକ୍ଷ କାହା ମାଧ୍ୟମରେ ନବସୃଜନର ବାର୍ତ୍ତା ଦେଇଛି ?

(A) ଫୁଲ

(B) ଫଳ

(C) ଗର୍ଭପତ୍ର

(D) ଶାଖାପ୍ରଶାଖା

44. ଫୁଲ ଓ ଭ୍ରମରଙ୍କ ମିଳନରେ କବି କାହାର ସନ୍ଧାନ କରିଛନ୍ତି ?

(A) ସାଂସାରିକ ପ୍ରେମର

(B) ବିଭୁପ୍ରେମର

(C) ସେବାଧର୍ମର

(D) ମୃତ୍ୟୁ ରହସ୍ୟର

45. ଝଡ଼ାପତ୍ରଦ୍ୱାରା ବୃକ୍ଷ କ'ଣ ଦେଖାଏ ?

(A) ମୃତ୍ୟୁର ସର୍ବଗ୍ରାସିତ୍ୱ

(B) ଜୀବନର ସ୍ୱରୂପ

(C) ଜଗତର ନୀତି

(D) ବିଶ୍ୱପ୍ରେମ

**ଅନୁଚ୍ଛେଦଟି ପାଠକରି ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର (ପ୍ରଶ୍ନ ନଂ 46 ରୁ ନଂ 50 ପର୍ଯ୍ୟନ୍ତ) ଉତ୍ତର ଦିଅ :**

ଜୀବନର ବିକାଶ ଆତ୍ମଶକ୍ତିର ପ୍ରୟୋଗରେ ସମ୍ପାଦିତ ହୁଏ ଏବଂ ଆତ୍ମଶକ୍ତି ବିହୀନ ଜୀବନ ଜଡ଼ ପଦାର୍ଥ ସଙ୍ଗେ ସମାନ । ପୃଥିବୀର ବିଜ୍ଞ ବ୍ୟକ୍ତିମାନଙ୍କ ମତରେ ଆତ୍ମଶକ୍ତି ରୂପକ ଭିତ୍ତି ପ୍ରସ୍ତର ଉପରେ ଦଣ୍ଡାୟମାନ ନହେବା ପର୍ଯ୍ୟନ୍ତ ଜୀବନର ମାହାତ୍ମ୍ୟ କେବେହେଁ ବିକଶିତ ହୋଇପାରିବ ନାହିଁ । ଯଥାର୍ଥରେ ଆତ୍ମଶକ୍ତିଶୂନ୍ୟ ଜୀବନ ମୂଳ ବିହୀନ ବୃକ୍ଷତୁଲ୍ୟ । ଯେ ଯେଉଁଦିଗରେ ମହତ୍ ହୁଅନ୍ତୁ, ତାଙ୍କର ଜୀବନର କର୍ମମୟତା ଓ ସଫଳତା ଏହି ଆତ୍ମନିର୍ଭରଶୀଳତା ଉପରେ ନିର୍ଭର କରେ । ବିକାଶ ହେଉଛି ଜୀବନର ଧର୍ମ, ତେଣୁ ଶକ୍ତିର ବିକାଶ ଓ ପ୍ରୟୋଗ ଜୀବନ କ୍ଷେତ୍ରରେ ଅନିବାର୍ଯ୍ୟ । ଅନ୍ତର୍ନିହିତ ଶକ୍ତି ପ୍ରୟୋଗ କରି ନିଜର ବିକାଶ ବା ଅଭିବୃଦ୍ଧି ସମ୍ପାଦନ କରିବା ଜୀବନର ଗୋଟିଏ ଅପରିହାର୍ଯ୍ୟ ପ୍ରକୃତି । ନିର୍ଜୀବ ଜଡ଼ ମୂର୍ତ୍ତିର ଗର୍ଭରେ ଉତ୍କୃଷ୍ଟ ଖାଦ୍ୟ ଦ୍ରବ୍ୟ ପରିପୂରଣ କଲେ ସୁଦ୍ଧା ତାହା ଜଡ଼ ମୂର୍ତ୍ତିର ବିକାଶ ସାଧନ ନକରି ସେହିପରି ପଡ଼ି ରହିଥାଏ, ମାତ୍ର ସଜୀବ ବସ୍ତୁ ସ୍ୱୟଂ ଖାଦ୍ୟ ଗ୍ରହଣ କରି ଆଭ୍ୟନ୍ତରୀଣ ଶକ୍ତି ବଳରେ ତାହାକୁ ସ୍ୱୀୟ ଶରୀରର ରକ୍ତରେ ପରିଣତ କରିପାରେ । ଏହିଠାରେ ହିଁ ନିର୍ଜୀବ ବସ୍ତୁ ଓ ସଜୀବ ବସ୍ତୁ ମଧ୍ୟରେ ପାର୍ଥକ୍ୟର ସୂଚନା ପରିଲକ୍ଷିତ ହୋଇଥାଏ । ଗୋଟିଏ ଆତ୍ମଶକ୍ତି ପ୍ରୟୋଗରେ ଏକାବେଳକେ ଅକ୍ଷମ ଓ ଅନ୍ୟଟି ତାହା କରିବାରେ ସଂପୂର୍ଣ୍ଣ କ୍ଷମ ଅଟେ । ପାଠଶାଳାର ଶିକ୍ଷକଙ୍କ ଠାରୁ

ଆରମ୍ଭ କରି ପିତା, ମାତା, ବନ୍ଧୁ, ସ୍ୱଜନ ପର୍ଯ୍ୟନ୍ତ ସମସ୍ତେ ସ୍ୱୀକାର କରିବେ ଯେ ଆତ୍ମଶକ୍ତିର ପ୍ରୟୋଗ ହିଁ ଜୀବନର ମେରୁଦଣ୍ଡ । ପୃଥିବୀର ମହାତ୍ମାମାନଙ୍କର ଜୀବନ ଚରିତ ପାଠ କଲେ ଜଣାଯାଏ ସେମାନଙ୍କର ଅନ୍ୟକୁ ଅନୁପ୍ରାଣିତ କଲାଭଳି ବ୍ୟକ୍ତିତ୍ୱ ମୂଳରେ ଏହି ଆତ୍ମଶକ୍ତିରୂପୀ ଗୂଢ଼ ମନ୍ତ୍ର ରହିଅଛି । ସୁତରାଂ ପ୍ରତ୍ୟେକ ମାନବ ସ୍ୱାବଲମ୍ବନଶୀଳ ନହୋଇ ତିଷ୍ଠିପାରିବ ନାହିଁ । ସ୍ଥଳ ବିଶେଷରେ ତିଷ୍ଠିପାରେ ସତ୍ୟ, ମାତ୍ର କେବେହେଁ ଜୀବନର ବିକାଶ ସାଧନ କରିପାରିବ ନାହିଁ । ଏହି କାରଣରୁ ହିଁ ସ୍ୱାବଲମ୍ବନଶୀଳତା ମାନବ ଜୀବନର ସର୍ବୋତ୍କୃଷ୍ଟ ଗୁଣ ବୋଲି ବିବେଚିତ ହୋଇଅଛି ।

46. ଆତ୍ମଶକ୍ତି ବିହୀନ ଜୀବନକୁ କାହା ସହିତ ତୁଳନା କରାଯାଇପାରେ ?

(A) ପ୍ରସ୍ତର ମୂର୍ତ୍ତି

(B) ଦିବ୍ୟାଙ୍ଗ ବ୍ୟକ୍ତି

(C) ବନ୍ୟପ୍ରାଣୀ

(D) ଜଙ୍ଗମ

47. ବିଜ୍ଞବ୍ୟକ୍ତିମାନେ ଜୀବନର ମହିମା ବିକାଶ କ୍ଷେତ୍ରରେ କାହାକୁ ମୂଳଭିତ୍ତିରୂପେ ଗ୍ରହଣ କରନ୍ତି ?

(A) ଆତ୍ମଶକ୍ତି

(B) କର୍ମପ୍ରବଣତା

(C) ଆତ୍ମନିର୍ଭରଶୀଳତା

(D) ଈଶ୍ୱରବିଶ୍ୱାସ

48. ସଜୀବ ପ୍ରାଣୀ କେଉଁ ଶକ୍ତିବଳରେ ଖାଦ୍ୟକୁ ରକ୍ତରେ ପରିଣତ କରିପାରେ ?

(A) ଆଭ୍ୟନ୍ତରୀଣ ଶକ୍ତି

(B) ଐଶ୍ୱରିକ ଶକ୍ତି

(C) ବାହ୍ୟ ଶକ୍ତି

(D) ସୌର ଶକ୍ତି

49. ଜୀବନର ମେରୁଦଣ୍ଡ ବୋଲି କାହାକୁ କୁହାଯାଇଛି ?

(A) ଉନ୍ନତ ଚିନ୍ତା

(B) ପରୋପକାର

(C) ଆତ୍ମଶକ୍ତିର ପ୍ରୟୋଗ

(D) ସମାଜସେବା

50. ମାନବ ଜୀବନର କେଉଁଟି ସବୁଠାରୁ ଭଲ ଗୁଣ ?

(A) ସରଳତା

(B) କପଟ ଶୂନ୍ୟତା

(C) କ୍ରୋଧଶୂନ୍ୟତା

(D) ସ୍ୱାବଲମ୍ବନଶୀଳତା

51. ଏକ ସୁଷମ ପ୍ରଶ୍ନପତ୍ର ପ୍ରସ୍ତୁତ ବେଳେ ଶିକ୍ଷକ କେଉଁ ଦିଗପ୍ରତି ଅଧିକ ଦୃଷ୍ଟି ଦେବା ଆବଶ୍ୟକ ?

(A) ପ୍ରଶ୍ନପତ୍ରରେ ଏକ ନିର୍ଦ୍ଦିଷ୍ଟ ବିଷୟରୁ ପ୍ରଶ୍ନ ସଂଯୁକ୍ତ ରହିବ

(B) ପ୍ରଶ୍ନପତ୍ରଟିରେ କେବଳ ଦୀର୍ଘ-ଉତ୍ତରମୂଳକ ପ୍ରଶ୍ନ ସଜ୍ଜିତ ହେବ

(C) ପ୍ରଶ୍ନପତ୍ରଟିରେ କେବଳ ବିଷୟଭିତ୍ତିକ ପ୍ରଶ୍ନ ରହିବ

(D) ପ୍ରଶ୍ନପତ୍ରଟି ପ୍ରଶ୍ନପତ୍ରର ଏକ ନକ୍ସା ଅନୁସାରେ ପ୍ରସ୍ତୁତ କରାଯିବ

52. କେଉଁଟି ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାର କେନ୍ଦ୍ରବିନ୍ଦୁ ?

(A) ପାଠ୍ୟପୁସ୍ତକ

(B) ଶିକ୍ଷକ

(C) ବିଦ୍ୟାର୍ଥୀ

(D) ପାଠ୍ୟକ୍ରମ

53. ନିମ୍ନୋକ୍ତ କେଉଁଟି ଶିଶୁ ମନରେ ଶିକ୍ଷାଗ୍ରହଣ କରିବା ପାଇଁ ଆଗ୍ରହ ସୃଷ୍ଟିକରେ **ନାହିଁ** ?

(A) ଶିକ୍ଷକ-କୈନ୍ଦ୍ରିକ ପନ୍ଥା

(B) ଶିକ୍ଷାର୍ଥୀ-କୈନ୍ଦ୍ରିକ ପନ୍ଥା

(C) ପ୍ରକ୍ରିୟାଭିତ୍ତିକ ପନ୍ଥା

(D) କାର୍ଯ୍ୟଭିତ୍ତିକ ପନ୍ଥା

54. ବିଦ୍ୟାଳୟରେ ପ୍ରାଚୀରପତ୍ର ପ୍ରଦର୍ଶନ ଦ୍ୱାରା କି ଉପକାର ସାଧିତ **ହୋଇନଥାଏ** ?

(A) ପିଲାମାନଙ୍କର ପଠନ ଦକ୍ଷତା ବୃଦ୍ଧି

(B) ପିଲାମାନଙ୍କର ଲିଖନ ଦକ୍ଷତା ବୃଦ୍ଧି

(C) ପିଲାମାନଙ୍କର ସାମାଜିକ ସଂପର୍କ ବୃଦ୍ଧି

(D) ପିଲାମାନଙ୍କର ଉପସ୍ଥାନ ବୃଦ୍ଧି

55. ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ତିଆରି କରିବାପାଇଁ କେଉଁଟି ଉପଯୁକ୍ତ **ନୁହେଁ** ?

(A) ପ୍ରଶ୍ନଗୁଡ଼ିକ ଶୈକ୍ଷିକ ଉଦ୍ଦେଶ୍ୟକୁ ଭିତ୍ତିକରି ପ୍ରସ୍ତୁତ କରାଯିବ ।

(B) ପ୍ରଶ୍ନର ନିର୍ଦ୍ଦେଶ ଗୁଡ଼ିକ ପରିଷ୍କାର ଓ ସରଳ ଭାଷାରେ ଲେଖାଯିବ ।

(C) ପ୍ରଶ୍ନର ଅଯଥା ବାଗାଡ଼ମ୍ବର ନରହିବା

(D) ଉତ୍ତରରେ ପ୍ରତ୍ୟେକ ପରୀକ୍ଷକଙ୍କ ମତାମତ ଭିନ୍ନ ହେବା

56. ଉଚ୍ଚପ୍ରାଥମିକ ସ୍ତରରେ ପାଠ୍ୟପୁସ୍ତକ ନିର୍ବାଚନ କ୍ଷେତ୍ରରେ କେଉଁ ବିଷୟ ପ୍ରତି ପ୍ରାଧାନ୍ୟ ଦେବା ଉଚିତ **ନୁହେଁ** ?

(A) ପ୍ରତିକୂଳ ବିଷୟବସ୍ତୁ ଚୟନ

(B) ରୁଚିକର ବିଷୟବସ୍ତୁ ଚୟନ

(C) ସମସ୍ୟା ଓ ସମାଧାନ ଭିତ୍ତିକ ବିଷୟବସ୍ତୁ ଚୟନ

(D) କଳ୍ପନା ଓ ଯୁକ୍ତିଶକ୍ତି ବିକାଶ କରିବାରେ ସହାୟକ ବିଷୟବସ୍ତୁ ଚୟନ

57. କେଉଁଟି ଗଙ୍ଗାଧର ମେହେରଙ୍କ ରଚନା **ନୁହେଁ** ?

(A) ତପସ୍ଵିନୀ

(B) କୃଷକ ସଙ୍ଗୀତ

(C) ଶର୍ମିଷ୍ଠା

(D) ଅର୍ଘ୍ୟଥାଳି

58. କୋଲନ୍ କେଉଁ କ୍ଷେତ୍ରରେ ବ୍ୟବହାର କରାଯାଏ ?

(A) ଲେଖାମଧ୍ୟରେ କୌଣସି ଶବ୍ଦର ଅର୍ଥ ସ୍ପଷ୍ଟ କରିବାକୁ ହେଲେ

(B) ଆବେଗ ଓ ଉଚ୍ଛ୍ୱାସକୁ ପ୍ରକାଶ କରିବାକୁ ହେଲେ

(C) ବାକ୍ୟ ସମାପ୍ତ ହେଲେ

(D) ସେମିକୋଲନ୍ ଠାରୁ ବେଶୀ ବିରାମ ଓ ପୂର୍ଣ୍ଣଚ୍ଛେଦ ଠାରୁ କମ୍ ବିରାମ ଦରକାର ହେଲେ

59. ପାଠଯୋଜନାର ମୁଖ୍ୟ ଲକ୍ଷ୍ୟଟି କ'ଣ ?

(A) କେବଳ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିଚାଳନା କରିବା

(B) ଶ୍ରେଣୀଗୃହରେ ଶୃଙ୍ଖଳା ରକ୍ଷା କରିବା

(C) ପ୍ରସଙ୍ଗ ଉପସ୍ଥାପନ, ଗଠନାତ୍ମକ ମୂଲ୍ୟାୟନ ଓ ଲବ୍ଧଜ୍ଞାନ ପରୀକ୍ଷା କରିବା

(D) ପାଠ୍ୟ ବିଷୟବସ୍ତୁକୁ କଳାପଟାରେ ଲେଖିବା

60. ଗ୍ରାମରେ ଏକ ନଳକୂପ ସ୍ଥାପନା ନିମନ୍ତେ ବି. ଡ଼ି. ଓ. ଙ୍କୁ ଏକ ଦରଖାସ୍ତ ଲେଖ — ଏହା କେଉଁ ପ୍ରକାର ପତ୍ରର ଅନ୍ତର୍ଗତ ?

(A) ଔପଚାରିକ

(B) ଅନୌପଚାରିକ

(C) ନିମନ୍ତ୍ରଣ

(D) ବାଣିଜ୍ୟିକ

Eng (18)

## ENGLISH

61. He treated me ________.

(A) gentlemanly

(B) in gentlemanly manner

(C) in a gentleman manner

(D) in a gentlemanly manner

62. I will see her tomorrow ________.

(A) by hook and by crook

(B) by hook and crook

(C) by hook or crook

(D) by hook or by crook

63. Pt. Jawaharlal Nehru ________ "The Discovery of India".

(A) had written

(B) is writing

(C) will write

(D) wrote

64. Which of the following sentences is correctly punctuated ?

(A) Day said to Night, "I bring God's light".

(B) Day said to Night I bring God's light.

(C) Day said to Night, "i bring God's light".

(D) Day said to Night, "I bring Gods light".

65. My grandfather is very keen ________ travelling to distant places.

(A) in

(B) to

(C) by

(D) on

66. The teacher asked the students ________.

(A) was the novel quite interesting ?

(B) the novel was quite interesting.

(C) whether the novel was quite interesting.

(D) whether was the novel quite interesting ?

67. The young girl wore a wonderful Indian ________ necklace.

(A) black

(B) new

(C) costly

(D) diamond

68. I, who ________ a teacher, need to be more duty conscious.

(A) is

(B) am

(C) are

(D) has

69. In order to stop deforestation every Indian family must have ________ LPG connection.

(A) a

(B) an

(C) the

(D) some

70. The queen didn't have a natural death. She ________.

(A) murdered

(B) had murdered

(C) has murdered

(D) was murdered

71. In a dialogue practice ________ are taken care of.

(A) listening and speaking

(B) speaking and reading

(C) speaking and writing

(D) writing and listening

72. Identify the statement which is not true :

(A) English is an international language.

(B) Learning of English is important for pursuing higher studies.

(C) English bridges the gaps between speakers of different mother tongues.

(D) English hardly finds its place at the centre of all international activities.

73. Reading for comprehension can be best achieved if learners ________.

(A) speak words softly while reading

(B) read silently

(C) run fingers or pencils under the lines

(D) read the text aloud

74. The phonic transcription of the word 'call' is ________

(A) /kɔ:l/

(B) /kɔl/

(C) /k3l/

(D) /k3:l/

75. Note-taking helps the learners to develop their ________.

(A) listening and speaking

(B) speaking and reading

(C) listening and writing

(D) reading and writing

76. Teaching grammar should focus on ________.

(A) rules of language

(B) forms and structures of language

(C) communicative functions of language

(D) both structures and rules of language

77. | Put the following lines in order and get a poem. |
|---|
| But the ships that sail across the sky,<br>Ships sail in the seas;<br>Boats sail in the rivers,<br>Are prettier far than these |

The test item in the box is of __________ type.

(A) matching

(B) multiple choice

(C) sequencing

(D) completion

78. Using correct 'stress', 'intonation' and 'pause' comes under the subskills of __________.

(A) listening

(B) speaking

(C) reading

(D) writing

79. Non-detailed texts develop __________.

(A) intensive reading

(B) extensive reading

(C) critical reading

(D) slow reading

80. To follow directions given orally is an ability in __________.

(A) listening

(B) speaking

(C) reading

(D) writing

**Read the poem carefully and answer the questions (from 81 to 85) choosing the correct alternatives given :**

Great, wide, beautiful, wonderful World,
With the wonderful water round you curled,
And the wonderful grass upon your breast-
World, you are beautifully drest.
The wonderful air is over me,
And the wonderful wind is shaking the tree,
It walks on the water, and whirls the mills,
And talks to itself on the tops of the hills.
Ah ! you are so great, and I am so small,
I tremble to think of you, World, at all;
And yet, when I said my prayers today,
A whisper inside me seems to say,
'You are more than the Earth, though you
are such a dot :
You can love and think, and the Earth
cannot !'

81. The poem is about ________.

(A) the wonderful water

(B) the wonderful grass

(C) the wonderful air

(D) the wonderful World

82. Who talks to himself on the tops of the hills ?

(A) The poet

(B) The tree

(C) The wind

(D) The hill

83. Who is described very small in the poem ?

(A) The Earth

(B) The garden

(C) The poet

(D) The World

84. The poet has used capital letter 'W' for the word, 'World' in the poem because he considers that ________.

(A) the world is wonderful

(B) the world is very great

(C) the world is a person

(D) the world is very important

85. Which of the following is right according to the poet ?

(A) The earth can love and think.

(B) The poet can love and think.

(C) The wind and water can love and think.

(D) The World can love and think.

